# ରାହୁଗ୍ରାସ

କବି ରଘୁନାଥ ଦାସ

ସୂର୍ଯ୍ୟକୁ ଗ୍ରାସି ରାହୁ;

ପ୍ରସାରିତ ଗୃଧ-ପକ୍ଷ ଭଳି

କ୍ରୁଦ୍ଧ ବିକଟାଳ ବାହୁ ତା'ର

ଚୋଟି ଚିପି ଅସହାୟ ଲୁଣ୍ଠିତା ଧରାର

ଜୀବନକୁ କରେ ଶ୍ବାସରୁଦ୍ଧ

ମିତ ଆଚମ୍ବିତ ନୁହଁ ଏ ତ!

ଏ ବେଳାରେ

ଏ ଧରଣୀ ବୁଡିଯାଏ ଅଶ୍ଳୀଳ ଅନ୍ଧାରେ;

ବ୍ୟାପିଯାଏ ଧରିତ୍ରୀର ଛତ୍ରେ ଛତ୍ରେ ଅସ୍ପୃଶ୍ୟ ଯେ ଗ୍ଳାନି;

ଉଦ୍ଧତ ଉଜାଣି

ବାଧାଦିଏ ଜୀବନର ମହାସ୍ରୋତ।

ଜନପଦେ

ଧାଡିବାନ୍ଧେ ପତୁଆର

କଳାପତାକାର

ସମୀରଣ ସ୍ତବ୍ଧ ହୁଏ;

www.jatayu.org

# ରାହୁଗ୍ରାସ

କବି ରଘୁନାଥ ଦାସ

ଭରିଉଠେ ଆର୍ତ୍ତ ହାହାକାର

ଦିଗେ ଦିଗେ

ରକ୍ତମୟୀ ପିଶାଚର କିଳିକିଳା ରବ

ରାଜପଥେ;

ଛିନ୍ନମସ୍ତା ରଚେ ତା'ର ବୀଭତ୍ସ ଉତ୍ସବ

ପଲ୍ଲୀ ପୁରେ;

ଘରେ ଘରେ ମେଲିଦିଏ ବିସୂଚିକା ବୀଜ

ବିପୁଳ ବିପଣୀ ତା'ର;

ହାଟେ ବାଟେ ବିଷାକ୍ତ ବଣିଜ ଫଣା ଟେକେ;

'ସତ୍ୟମେବ ଜୟତେ' ର ଛାପାମରା ନ୍ୟାୟ

ବାଣ୍ଟେ ତୁଳାଧାରୀ

ଲମ୍ବପାଟ ଉତ୍କୋଚ ପୂଜାରୀ□

ଘନୀଭୂତ ହତାଶାର ବିଷର୍ଣ୍ଣ ନାଟକ

ଚକ୍ଷୁର କୋଟରେ;

ହିଂସ୍ର ବନ ମଧ୍ୟେ ହଜାଏ ସଡକ

ଆପଣାର କ୍ଷୀଣକାୟା□

ସବୁକିଛି କଳୁଷିତ, ଜ୍ୱାଳାମୟ ଗରଳ ଗରଳ;

www.jatayu.org

Powered by Tekons

# ରାହୁଗ୍ରାସ

କବି ରଘୁନାଥ ଦାସ

କଣ୍ଟକିତ ଖେତେ ଖେତେ ବ୍ୟର୍ଥତାର ପ୍ରଚୁର ଫସଲ;

ନିଷ୍ପ୍ରଭ ଅବସନ୍ନ କ୍ଳାନ୍ତ,

ସବୁକିଛି କିମାକାର, କଦାକାର, ବିକୃତ, ବିଭ୍ରାନ୍ତ।

ଆଉ ମୁଁ ପାରୁନି ଭାବି ;ସବୁକିଛି ଲାଗେ ଇତସ୍ତତଃ;

ତୃଷାତୁର ବାଲି-ସ୍ତୁପ ଏ ତ ଖାଲି-

ଆଶାଶୂନ୍ୟ ଦିଗନ୍ତ ଦିଗନ୍ତୁ

ବିନ୍ଧେ ବିଷାକ୍ତବାୟୁର ସପ୍ତଫେଣୀ,

ଅଭିଶପ୍ତ ଲାଗେ ପରମାୟୁ;

ମିତ, ଆଚମ୍ବିତ ନୁହେଁ ଏ ତ,

ସୂର୍ଯ୍ୟକୁ ଗ୍ରାସିଛି ରାହୁ ।

କିନ୍ତୁ ଏହା ତ ନିଶ୍ଚିତ,

ସୂର୍ଯ୍ୟ ହେବ ରାହୁ ମୁକ୍ତ; ତେଜଃପୁଞ୍ଜ ହେବ ବିଚ୍ଛୁରିତ

ପୁଣି। ପୁଣି ସଦ୍ୟସ୍ନାତା ଧରିତ୍ରୀର ପବିତ୍ର ମାଟିରେ

ଫୁଟିବ ସୁନାର ଆଭା; ଲୋଟିଯିବ ତାହାରି ଛାତିରେ

ସତେଜ ସବୁଜ ଶସ୍ୟ। ଦେବାଳୟେ ଆତ୍ମା ତା ଆଳତି

ସମର୍ପିବ ଭକ୍ତିଭରେ ।ଦେବତାର ଦର୍ଶନଭିକାରୀ

ପୁଷ୍ପ ଧରି କରପୁଟେ ନରନାରୀ ହେବେ ନତଜାନୁ।

# ରାହୁଗ୍ରାସ

କବି ରଘୁନାଥ ଦାସ

ଗୀତିର ଝରଣା ପୁଣି ଛୁଟିବରେ ଆଶାସିକ୍ତ ପ୍ରାଣୁ

କଳକଳ ନାଦେ□ ପୁଣି ରଙ୍ଗମଞ୍ଚ ହେବ ଉଦ୍‌ଭାସିତ

ଆଲୋକର ସପ୍ତବର୍ଣ୍ଣେ□

ଏହା ସତ୍ୟ; ମିତ, ଏହା ଏକାନ୍ତ ନିଶ୍ଚିତ,

ସୂର୍ଯ୍ୟ ହେବ ରାହୁମୁକ୍ତ□

www.jataayu.org